# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**23rd September – 2025**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭାର ମୌସୁମୀ ଅଧିବେଶନରେ ଦ୍ରବ୍ୟ ଓ ସେବା କର ସଂସ୍କାର ସମ୍ପର୍କରେ ଜାରି ରହିଛି ଆଲୋଚନା
- କଟକ-ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ରଦ୍ଦ ହୋଇନାହିଁ; ଗୃହରେ ସୂଚନା ଦେଲେ ନଗର ଉନ୍ନୟନ ମନ୍ତ୍ରୀ
- ଦେଶବ୍ୟାପୀ ଆଜି ପାଳନ କରାଯାଉଛି ଜାତୀୟ ଆୟୁର୍ବେଦ ଦିବସ;

— ରାଇରଙ୍ଗପୁରଠାରେ ନୂତନ ଆୟୁର୍ବେଦ କଲେଜ୍ ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

- ପୁରୀ ଶ୍ରୀମନ୍ଦିର ଅସ୍ଥାୟୀ ରତ୍ନଭଣ୍ଡାରରୁ ସ୍ଥାୟୀ ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତର ପ୍ରକ୍ରିୟା ଶେଷ

ଏବଂ

- ବିଶିଷ୍ଟ ଅଭିନେତା ମୋହନ ଲାଲ ଦାଦା ସାହେବ ଫାଲ୍‌କେ ସମ୍ମାନରେ ସମ୍ମାନୀତ; ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ଜାତୀୟ ପୁରସ୍କାର ଲାଭ କଲା **ପୁଷ୍କର।**

## ବିଧାନସଭା

ସପ୍ତଦଶ ବିଧାନସଭାର ମୌସୁମୀ ଅଧିବେଶନରେ ଆଜି ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରକେ ବିରୋଧି ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରିଥିଲେ। ସନ୍ଧ୍ୟା ୫ଟା ୨୦ ମିନିଟ୍‌ରେ ପୁନର୍ବାର ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସମୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ତାଙ୍କ ବିଭାଗ ସମ୍ପର୍କୀୟ କାଗଜପତ୍ର ଉପସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୨-୨୩ ବର୍ଷ ପାଇଁ ସୂଚନା କମିଶନଙ୍କ ରିପୋର୍ଟ, ଉଠାଜଳସେଚନ ନିଗମର ବାର୍ଷିକ ରିପୋର୍ଟ, ଜଳଭଣ୍ଡାରର ସୁରକ୍ଷା, ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଗୃହରେ ଦ୍ରବ୍ୟ ଓ ସେବା କର-ଜିଏସଟି ସଂସ୍କାର ସମ୍ପର୍କରେ ଆଲୋଚନା ଜାରି ରହିଛି।

## ବିଧାନସଭା-

କଟକ-ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ରଦ୍ଦ କରାଯାଇନାହିଁ ବୋଲି ବିଧାନସଭାରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଏଥିପାଇଁ ଏକ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି। କମିଟିର ରିପୋର୍ଟ ଓ ସୁପାରିଶ ପରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ। ମେଟ୍ରୋ ରେଳ ପ୍ରକଳ୍ପ

ପାଇଁ ଏପର୍ଯ୍ୟନ୍ତ ମୋଟ୍ ୨୭୭ କୋଟି ୩୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି ।

## ପିଏମ୍ ଓଡ଼ିଶା ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖରେ ଓଡ଼ିଶା ଗସ୍ତରେ ଆସିବା ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି । ଏହି ଅବସରରେ ସେ ଝାରସୁଗୁଡ଼ାରେ ଏକ ସଭାରେ ଯୋଗଦେଇ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

## ମୁଖ୍ୟମନ୍ତ୍ରୀ – ଆୟୁର୍ବେଦ ଦିବସ

ଦେଶବ୍ୟାପୀ ଆଜି ଜାତୀୟ ଆୟୁର୍ବେଦ ଦିବସ ପାଳନ କରାଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରଠାରେ ଏକ ନୂତନ ଆୟୁର୍ବେଦ କଲେଜ ପ୍ରତିଷ୍ଠା ହେବ ବୋଲି ସୂଚନା ଦେଇଛନ୍ତି । ଭୁବନେଶ୍ୱର ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ଆୟୁର୍ବେଦ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜାତୀୟ ଆୟୁଷ ମିଶନ୍ ଅଧୀନରେ ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ୩ଟି ସମନ୍ୱିତ ଆୟୁଷ ହସ୍‌ପିଟାଲ ନିର୍ମାଣ କରାଯାଉଛି । ଆଗାମୀ ଦିନରେ ରୋଗୀମାନଙ୍କୁ ଉଚ୍ଚମାନର ସେବା ଉପଲବ୍ଧ କରାଇବା ଲକ୍ଷ୍ୟ ରଖାଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଆୟୁର୍ବେଦ ହେଉଛି, ସାରା ବିଶ୍ୱକୁ ଭାରତର ଏକ ଅମୂଲ୍ୟ ଅବଦାନ । ଆୟୁର୍ବେଦ କେବଳ ଏକ ଚିକିତ୍ସା ପ୍ରଣାଳୀ ନୁହେଁ, ବରଂ ସମଗ୍ର

ମାନବ ଜାତିର କଲ୍ୟାଣ ପାଇଁ ଜ୍ଞାନ ଓ ଦାର୍ଶନିକ ଦୃଷ୍ଟିକୋଣର ପ୍ରତିଫଳନ ବୋଲି ଶ୍ରୀ ମାଝୀ କହିଛନ୍ତି ।

## ପୁରୀ– ରତ୍ନଭଣ୍ଡାର ମରାମତି

**ପୁରୀ** ଶ୍ରୀମନ୍ଦିରରେ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଅସ୍ଥାୟୀ ରତ୍ନଭଣ୍ଡାରରେ ରଖାଯାଇଥିବା ଶ୍ରୀଜୀଉଙ୍କର ଅଳଙ୍କାର ତଥା ମୂଲ୍ୟବାନ ସାମଗ୍ରୀଗୁଡ଼ିକର ଆଜି ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯାଇଛି । ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରାଧିକୃତ ୧୧ ଜଣିଆ କମିଟି ଗଠନ କରାଯାଇଥିଲା । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ରତ୍ନଭଣ୍ଡାର ତଦାରଖ କମିଟିର ୨ ଜଣ ସଦସ୍ୟ ଜଷ୍ଟିସ୍ ବିଶ୍ୱନାଥ ରଥ ଓ ସୁଦର୍ଶନ ପଟ୍ଟନାୟକ, ଛତିଶାନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ଗଜପତି ମହାରାଜାଙ୍କ ପ୍ରତିନିଧି ପ୍ରମୁଖ ଏହି କମିଟିରେ ସାମିଲ ଥିଲେ । ମାର୍ଗଦର୍ଶିକା ଅନୁସାରେ, ସ୍ଥାନାନ୍ତର ପ୍ରକ୍ରିୟାର ଭିଡିଓଗ୍ରାଫି କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ **ଅରବିନ୍ଦ ପାଢ଼ୀ** ସୂଚନା ଦେଇଛନ୍ତି ।

**- V/O -(**ଅରବିନ୍ଦ ପାଢ଼ୀ**)**

ରତ୍ନଭଣ୍ଡାର ସ୍ଥାନାନ୍ତର କାର୍ଯ୍ୟ ଶେଷ ହେବା ପରେ ପ୍ରବେଶ କଟକଣା ପ୍ରତ୍ୟାହାର ତଥା ଶ୍ରଦ୍ଧାଳୁମାନଙ୍କ ଦର୍ଶନ ସ୍ୱାଭାବିକ ହୋଇଛି ।

## ପୁଷ୍କରା ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ପ୍ରଦାନ କରିଛନ୍ତି। ବିଶିଷ୍ଟ ଅଭିନେତା ମୋହନ ଲାଲଙ୍କୁ ଦାଦାସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନୀତ କରାଯାଇଛି। ବଲିଉଡ୍ ଅଭିନେତା ଶାହାରୁଖ୍ ଖାନ ଏବଂ ବିକ୍ରାନ୍ତ ମେସିଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କାର ମିଳିଛି। ଶ୍ରେଷ୍ଠ ଅଭିନେତ୍ରୀ ଭାବେ ରାଣୀ ମୁଖାର୍ଜୀଙ୍କୁ ପୁରସ୍କୃତ କରାଯାଇଛି। 'ପୁଷ୍କରା' ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ପୁରସ୍କାର ଲାଭ କରିଛି।

**- V/O –**

## ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପତ୍ରଲେଖି ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟର ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଦେବା ପାଇଁ ଅନୁରୋଧ କରିଛନ୍ତି। ଶ୍ରୀମନ୍ଦିର ପରିସରରେ ଥିବା ଏହି ବିଦ୍ୟାଳୟ ଏକ ପ୍ରାଚୀନ ଅନୁଷ୍ଠାନ ଏବଂ ସାଂସ୍କୃତିକ ଓ ଐତିହାସିକ ଦୃଷ୍ଟିରୁ ଏହା ବିଶେଷ ଗୁରୁତ୍ୱ ବହନ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି। ସେବାୟତ ପିଲାମାନଙ୍କୁ ସଂସ୍କୃତ ଶିକ୍ଷା, ବୈଦିକ ଶିକ୍ଷା ଏବଂ କର୍ମକାଣ୍ଡ ପ୍ରଶିକ୍ଷଣ ପ୍ରଦାନ ରେ ଏହାର

ଗୁରତ୍ୱପୂର୍ଣ୍ଣ ଭୂମିକା ରହିଥିବା ଶ୍ରୀ ପ୍ରଧାନ ଦର୍ଶାଇଛନ୍ତି। ବିଦ୍ୟାଳୟ ନାମରେ ଏକ ସ୍ଥାୟୀ ରେକର୍ଡ ଅଫ୍ ରାଇଟସ୍ ରହିଥିବା ସେ ଉଲ୍ଲେଖ କରିଛନ୍ତି।

# ପିଏମ୍-ସେବାପର୍ବ

## Seba Parba Opening

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା କେନ୍ଦ୍ର ସରକାରଙ୍କ **ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା** କିଭଳି ଭାରତର ଯୁବକମାନଙ୍କୁ ସଶକ୍ତ କରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୧ ବର୍ଷରେ ଦେଶର ଲକ୍ଷ ଲକ୍ଷ ଯୁବକମାନଙ୍କୁ ସଶକ୍ତ କରିବାର ସଫଳ ଯୋଜନା ରୂପାୟନ କରାଯାଇଛି। ସେଥିମଧ୍ୟରୁ  ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅନ୍ୟତମ। ୨୦୧୫ ମସିହା ଜୁଲାଇ ୧୫ ତାରିଖରେ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ବର୍ତ୍ତମାନ ଏହା ସଫଳତାର ଦଶନ୍ଧି ଅତିକ୍ରମ କରି ସାରିଛି।

ଯୋଜନା ମାଧ୍ୟମରେ ଦେଶର ୧ କୋଟି ୬୩ ଲକ୍ଷ ଯୁବକ ଚଳିତ ବର୍ଷ ଜୁଲାଇ ମାସ ସୁଦ୍ଧା ପ୍ରଶିକ୍ଷିତ ହୋଇଛନ୍ତି । ଯେଉଁଥିରେ ୪୫ ପ୍ରତିଶତ ମହିଳା ସାମିଲ ଅଛନ୍ତି । ଯୋଜନାର ଚତୁର୍ଥ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଯାହା ଆସନ୍ତା ବର୍ଷ ପର୍ଯ୍ୟନ୍ତ ଚାଲିବ । ଯୋଜନା ଅଧୀନରେ ପ୍ରଶିକ୍ଷିତ ଯୁବାମାନେ କେବଳ ନିଜର ପସନ୍ଦ ଯୋଗ୍ୟ ଭବିଷ୍ୟତ ବାଛୁ ନାହାନ୍ତି ବରଂ ନିଜର ବ୍ୟବସାୟ ଆରମ୍ଭ କରି ସ୍ୱାବଲମ୍ବୀ ହୋଇଛନ୍ତି ।

## Seba Parba Closing
## ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

ରାଜ୍ୟ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଭୁବନେଶ୍ୱର କୃଷି ଭବନଠାରେ ୧୦୨ଟି ନୂତନ ଉନ୍ନୀତ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଏବଂ ୧୭ଟି ଜିଲ୍ଲାର ଅତିରିକ୍ତ ଶିକ୍ଷା ଅଧିକାରୀଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କୁ ରୋଜଗାରକ୍ଷମ ଏବଂ ଆତ୍ମନିଯୁକ୍ତ କରିବା ପାଇଁ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ଶିକ୍ଷାଦାନ ସଂକ୍ରାନ୍ତରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ସାମ୍‌ସ ମାଧ୍ୟମରେ ଇ-ଆଡମିଶନ, ଦେୟ, କ୍ୟାରିଅର ପରାମର୍ଶ, ସମଗ୍ର ଶିକ୍ଷା, ବିଦ୍ୟାଳୟ ପ୍ରଶାସନ ଓ ପରିଚାଳନା ଏବଂ ଆତ୍ମରକ୍ଷା ପ୍ରଶିକ୍ଷଣ ପାଠ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ

ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କ ସମେତ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ପଞ୍ଚୁକ ବ୍ରତ

କଟକ ବାବା ଧବଳେଶ୍ୱରଙ୍କ ପୀଠରେ ପଞ୍ଚୁକ ବ୍ରତ ପାଳନ ପାଇଁ ନୀତି ନିର୍ଘଣ୍ଟ ହୋଇଛି। ଏ ନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରୁ ଜଣାପଡିଛି, ବାବା ଧବଳେଶ୍ୱରଙ୍କ ପୀଠରେ ଆସନ୍ତା ନଭେମ୍ବର ମାସ ୩ ତାରିଖରେ ବଡ଼ଓଷା ପାଳନ କରାଯିବ। ୪ ତାରିଖ ଗଜଭୋଗ ବିତରଣ ଏବଂ ୫ ତାରିଖରେ କାର୍ତ୍ତିକପୂର୍ଣ୍ଣିମା ନୀତିକାନ୍ତି ହେବ। ଅକ୍ଟୋବର ମାସ ୮ ତାରିଖରୁ ନଭେମ୍ବର ମାସ ୫ ତାରିଖ ପର୍ଯ୍ୟନ୍ତ କାର୍ତ୍ତିକ ବ୍ରତ ପାଳନ କରାଯିବ ବୋଲି ସୂଚନା ମିଳିଛି।

## ସେବା ପକ୍ଷ

ସେବା ପକ୍ଷ ପାଳନ ଅବସରରେ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ମିଳିତ ଆନୁକୂଲ୍ୟରେ **ଭଦ୍ରକ**ଠାରେ 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଂଗୀତା ବଳ ଯୋଗଦେଇ ସରକାରଙ୍କ ପକ୍ଷରୁ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁଥିବା ସୁବିଧା ସୁଯୋଗ ନେବାପାଇଁ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ।

## ଆତ୍ମନିର୍ଭର ଭାରତ

ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନର ଜିଲ୍ଲାସ୍ତରୀୟ କର୍ମଶାଳା **କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାସ୍ଥିତ ଟାଉନ୍‌ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଯୋଗଦେଇ ୪୧ ଟି ମଣ୍ଡଳରୁ ଚୟନ ହୋଇଥିବା ସଂଯୋଜକ ଏବଂ ସହ ସଂଯୋଜକମାନଙ୍କୁ ଏହି ଅଭିଯାନ ସଂକ୍ରାନ୍ତରେ ଜନସଚେତନତା ସୃଷ୍ଟି ପାଇଁ ପରାମର୍ଶ ଦେଇଥିଲେ ।

## ସ୍ୱଚ୍ଛତା ହିଁ ସେବା

**କଳାହାଣ୍ଡି** ଜିଲ୍ଲା ପ୍ରଶାସନ ଏବଂ ଭବାନୀପାଟଣା ପୌରପାଳିକା ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା ପକ୍ଷ -୨୦୨୫ ଆରମ୍ଭ ହୋଇଯାଇଛି । ଏହି ଅବସରରେ ଚାରାରୋପଣ ସହ ସଫେଇ କାର୍ଯ୍ୟ କରାଯାଇଛି ।

## ଚଲୋ ଜିତେଁ ହେଁ

ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର 'ଚଲୋ ଜିତେଁ ହେଁ' ପୁନର୍ବାର ମୁକ୍ତିଲାଭ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୈଶବ ଆଧାରିତ ଏହି ଚଳଚ୍ଚିତ୍ରରେ ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ପ୍ରଦର୍ଶିତ କରାଯାଇଛି ।

ନିସ୍ୱାର୍ଥପରତା, ସହାନୁଭୂତି ଏବଂ ରାଷ୍ଟ୍ର ପ୍ରତି କର୍ତ୍ତବ୍ୟର କାଳଜୟୀ ମୂଲ୍ୟବୋଧକୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ଆଗାମୀ ପିଢ଼ିଙ୍କ ମଧ୍ୟରେ ସୁଦୃଢ଼

କରିହେବ ବୋଲି ବିଶ୍ୱାସ କରାଯାଉଛି । ଚଳଚ୍ଚିତ୍ର ଦେଖିବା ପରେ ଜଣେ ଦର୍ଶକ ପ୍ରତିକ୍ରିୟାରେ ଆକାଶବାଣୀକୁ କହନ୍ତି...

**- V/O –**

## ପାଣିପାଗ

ଉତ୍ତର-ପୂର୍ବ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଆସନ୍ତା ଗୁରୁବାର ଦିନ ପୂର୍ବ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଶୁକ୍ରବାର ଆଡ଼କୁ ଏହା ଅଧିକ ଘନୀଭୂତ ହୋଇ  ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ଅବପାତର ରୂପ ନେବାର ସମ୍ଭାବନା ରହିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।